## ନକ୍ସଲବାଦ ଉପରେ ଯୋଜନା କମିଶନ୍: ସରକାରଙ୍କୁ ଏକ ଭିନ୍ନ ସ୍ୱାଦର ମନ୍ତ୍ରଣା

### ସାଲ୍‌ଓ୍ୱା ଜୁଡୁମ୍, ଏକ ବିଫଳ ପ୍ରୟାସ

ବେଶ୍ କିଛି ଦିନ ଧରି ଦୂରଦର୍ଶନ-୧ର ଓଡିଆ କାର୍ଯ୍ୟକ୍ରମ 'ମହକ' ଅଧୀନରେ ଏକ ଧାରାବାହିକ ପ୍ରଦର୍ଶୀତ ହୋଇଆସୁଛି, ଯାହାକି ପଡୋଶୀ ଛତିଶ୍‌ଗଡରର 'ସାଲ୍‌ଓ୍ୱା ଜୁଡୁମ୍' ଅଭିଯାନର କଥାବସ୍ତୁ ଉପରେ ନିର୍ମିତ ପ୍ରାମାଣିକ ଚଳଚ୍ଚିତ୍ରର ଓଡିଆ ଭାଷାନ୍ତର ମାତ୍ର । ପାଠକେ ହୁଏତ୍ ଜାଣିଥିବେ, ଜୁନ୍ ୨୦୦୫ରେ ଛତିଶ୍‌ଗଡର ଦାନ୍ତେଓ୍ୱାଡା ଜିଲ୍ଲାରେ ନକ୍ସଲ୍‌ବାଦକୁ ନିର୍ମୂଳ କରିବା ଉଦ୍ଦେଶ୍ୟରେ ସେଠିକାର ରାଜ୍ୟ ସରକାର ଆଦିବାସୀଙ୍କ ସମେତ କେତେକ ବିକ୍ଷୁବ୍‌ଧ ଗୋଷ୍ଠୀଙ୍କୁ ଅର୍ଥ, ଅସ୍ତ୍ର, ତାଲିମ୍ ଓ ସୁରକ୍ଷା ପ୍ରଦାନ କରି ଏକ ସମାନ୍ତରାଳ ସଂଗଠନକୁ ପୃଷ୍ଠପୋଷକତା କରିଆସୁଛନ୍ତି । ଏହି ନକ୍ସଲ-ବିରୋଧୀ ଅଭିଯାନକୁ 'ସାଲ୍‌ଓ୍ୱା ଜୁଡୁମ୍' କୁହାଯାଉଛି । ସ୍ଥାନୀୟ ଆଦିବାସୀ ଭାଷାର ଏହି ଶବ୍ଦକୁ ଅଭିଯାନର ସମର୍ଥକମାନେ 'ଶାନ୍ତି ପ୍ରୟାସ' ବୋଲି ଅର୍ଥ କରିଥିବା ବେଳେ ବିରୋଧୀମାନେ 'ନିର୍ମୂଳୀକରଣ ଅଭିଯାନ' ବୋଲି ବ୍ୟାଖ୍ୟା କରିଥାନ୍ତି । କିନ୍ତୁ ନକ୍ସଲବାଦ ସମସ୍ୟାକୁ ସମାଧାନ କରିବାରେ ସାଲ୍‌ଓ୍ୱା ଜୁଡୁମ୍ ଯେ ଏକ ବିଫଳ ପ୍ରୟାସ, ତାହା ୩୧ ମାର୍ଚ୍ଚ, ୨୦୦୭ରେ ପ୍ରକାଶିତ 'ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତି' ଶୀର୍ଷକ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଏକ ସୂଚନାପତ୍ରରୁ ସ୍ପଷ୍ଟ ହୋଇଯାଇଛି । ଏଥିରେ ପରିବେଷିତ ତଥ୍ୟ ଅନୁଯାୟୀ, ୨୦୦୪ରେ ଅର୍ଥାତ୍ 'ସାଲ୍‌ଓ୍ୱା ଝୁଡୁମ୍' ଆରମ୍ଭ ହେବାର ପୂର୍ବ ବର୍ଷରେ ଛତିଶ୍‌ଗଡରେ ନକ୍ସଲବାଦ-ଜନିତ ହିଂସାକାଣ୍ଡର ମାତ୍ର ୩୫୨ଘଟଣା ଘଟିଥିବା ବେଳେ ତାହା ୨୦୦୫ରେ ୩୮୫ଟି ଘଟଣା ଏବଂ ୨୦୦୬ରେ ୭୧୫ଟି ଘଟଣାକୁ ବୃଦ୍ଧିପ୍ରାପ୍ତ ହୋଇଛି । ସେହିପରି ୨୦୦୪ରେ ମାତ୍ର ୮ଜଣ ପୋଲିସ୍ ମରିଥିବା ବେଳେ ୨୦୦୫ ଓ ୨୦୦୬ରେ ଏହି ସଂଖ୍ୟା ଯଥାକ୍ରମେ ୪୭ ଓ ୮୪ରେ ପହଞ୍ଚିଛି । ୨୦୦୪ରେ ମାତ୍ର ୧୫ଜଣ ନକ୍ସଲପନ୍ଥୀ ପ୍ରାଣ ହରାଇଥିବା ବେଳେ ୨୦୦୫ ଓ ୨୦୦୬ରେ ଯଥାକ୍ରମେ ୩୨ ଓ ୭୪ଜଣ ପ୍ରାଣ ହରାଇଛନ୍ତି । ସର୍ବୋପରି ୨୦୦୪ରେ ୭୫ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୦୫ ଓ ୨୦୦୬ରେ ଯଥାକ୍ରମେ ୧୨୧ ଏବଂ ୩୦୪ଜଣ ମୃତ୍ୟ ବରଣ କରିଛନ୍ତି । କିନ୍ତୁ ବିସ୍ମୟର କଥା, ଖୋଦ୍ ସରକାରୀ ଦଲିଲ୍‌ରେ 'ସାଲ୍‌ଓ୍ୱା ଜୁଡୁମ୍' ଏକ ବିଫଳ ପରୀକ୍ଷା ବୋଲି ସାବ୍ୟସ୍ତ ହୋଇସାରିଥିବା ବେଳେ ଏହାକୁ ଓଡିଶାରେ ପରୀକ୍ଷା କରିବା ପାଇଁ ରାଜ୍ୟର ପ୍ରଶାସନ ଓ ପୋଲିସ୍ ମହଲରେ ଉତ୍ସୁକତା କାର୍ଯ୍ୟ କରୁଛି । ବୋଧହୁଏ ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଦୂରଦର୍ଶନ-୧ରେ 'ସାଲ୍‌ଓ୍ୱା ଜୁଡୁମ୍' ଧାରାବାହିକର ଓଡିଆ ରୂପାନ୍ତର ପରିବେଷଣ କରାଯାଉଛି । ଆହୁରି ବିସ୍ମୟର କଥା, ନକ୍ସଲପନ୍ଥୀମାନଙ୍କୁ ଏଥିରେ ଯେପରି ଚିତ୍ରଣ କରାଯାଇଛି, ଅର୍ଥାତ୍ ସେମାନେ ଜନଗଣଙ୍କ ଠାରୁ ସଂପୂର୍ଣ୍ଣ ରୂପେ ବିଛିନ୍ନ ରହି ବଣପର୍ବତରେ ଲୁଚି ରହିଥିବା ଏକ ଲୁଟେରା ଓ ନରସଂହାରକ ଗୋଷ୍ଠୀ, ତାହାର ବାସ୍ତବତା ସହିତ କୋଣସି ସଂପର୍କ ନାହିଁ । ଏପରିକି ସେମାନଙ୍କର ବେଶପୋଷାକ ଓ ଚାଲିଚଳନକୁ ଯେପରି କଦାକାର ଢଙ୍ଗରେ ଚିତ୍ରଣ କରାଯାଇଛି, ତାହାର ମଧ୍ୟ ବାସ୍ତବତା ସହିତ କୌଣସି ସଂପର୍କ ନାହିଁ ।

### ଯୋଜନା କମିଶନ୍‌ଙ୍କ ଅଧ୍ୟୟନ

ଏହି ପରିପ୍ରେକ୍ଷୀରେ ଏକ ଆଶ୍ୱାସନାର କଥା, ଯୋଜନା କମିଶନ୍‌ଙ୍କର ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଶେଷଜ୍ଞ ଗୋଷ୍ଠୀ ଗତ ଏପ୍ରିଲ୍ ମାସରେ ପ୍ରକାଶ କରିଥିବା ତାଙ୍କ ରିପୋର୍ଟରେ ନକ୍ସଲ୍‌ବାଦ ସମସ୍ୟା ଉପରେ ଏକ ଭିନ୍ନ ସ୍ୱାଦର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି । କମିଟିଙ୍କ ମତରେ ଜନଗଣ ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିବା ହେଉଛି ଗଣତନ୍ତ୍ରର ଏକ ସୁସ୍ଥ ଲକ୍ଷଣ । ନକ୍ସଲବାଦର ରୂପ ଯାହା ହେଉନା କାହିଁକି, ତାହା ତଳସ୍ତରରେ ଥିବା ବ୍ୟାପକ ଜନଅସନ୍ତୋଷର ଏକ ଅବଶ୍ୟମ୍ଭାବୀ ରାଜନୈତିକ ପରିଣାମ । କିନ୍ତୁ ଏହା ବିସ୍ମୟକର ଯେ, ସରକାର ନକ୍ସଲବାଦର ମୂଳ କାରଣ ଜନଅସନ୍ତୋଷକୁ ଦୂର କରିବା ପାଇଁ ସଚେଷ୍ଟ ହେବା ପରିବର୍ତ୍ତେ ନକ୍ସଲବାଦକୁ ଏକ ଆଇନ୍‌ଶୃଙ୍ଖଳା ସମସ୍ୟା ରୂପେ ବିଚାର କରି କିଭଳି ଅଧିକ ପୋଲିସ୍ ଓ ଆଧୁନିକ ଅସ୍ତ୍ରଶସ୍ତ୍ର ବଳରେ ଏହାକୁ ଦମନ କରାଯିବ, ସେଦିଗରେ ଉଦ୍ୟମ କରି ଚାଲିଛନ୍ତି । କମିଟିଙ୍କ ମତରେ ସରକାରଙ୍କ ପୋଲିସ୍ ଓ ପ୍ରଶାସନ ନକ୍ସଲ୍‌ମାନଙ୍କୁ ସଶସ୍ତ୍ର ମୁକାବିଲା କରିବାରେ ବିଫଳ ହେଉଥବାରୁ ଯେ ନକ୍ସଲବାଦର ପ୍ରସାର ଘଟିଚାଲିଛି, ସେପରି ଭାବିବା ଭୁଲ୍, ବରଂ ବିକାଶର ସୁଫଳ ଲୋକଙ୍କ ନିକଟରେ ପହୁଞ୍ଚାଇବାରେ ସରକାରଙ୍କ ଚରମ ବିଫଳତା ହିଁ ନକ୍ସଲମାନେ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ କହୁଥିବା କଥା ପ୍ରତି ସାଧାରଣ ଗରୀବ ଓ ବଞ୍ଚିତ ଜନଗୋଷ୍ଠୀମାନଙ୍କ ଭିତରେ ଆଗ୍ରହ ଓ ଆକର୍ଷଣ ସୃଷ୍ଟି କରିଚାଲିଛି । ନକ୍ସଲବାଦକୁ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ପହିଲା ନମ୍ବର ବିପଦ ବୋଲି ଦର୍ଶାଇଥିବା ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଗତ ୨୯ ମେ ୨୦୦୬ରେ ଯୋଜନା କମିଶନ୍‌ଙ୍କ ତରଫରୁ ଏକ ୧୬ଜଣିଆ ବିଶେଷଜ୍ଞ ଗୋଷ୍ଠୀ ପ୍ରାକ୍ତନ ପ୍ରଶାସକ ଶ୍ରୀ ଡି.ବନ୍ଦୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିଲା ଏବଂ ଏଥିରେ ପ୍ରାକ୍ତନ ପ୍ରଶାସକ ତଥା ଭାରତୀୟ ଜନ ଆନ୍ଦୋଳନର ଅଧ୍ୟକ୍ଷ ଶ୍ରୀ ବ୍ରହ୍ମଦତ୍ତ ଶର୍ମା, ଗୁଇନ୍ଦା ବ୍ୟୁରୋର ପ୍ରାକ୍ତନ ନିର୍ଦ୍ଦେଶକ ଶ୍ରୀ ଅଜିତ୍ ଡୋଭଲ୍, ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ୍‌ର ଅଧ୍ୟକ୍ଷ ଶ୍ରୀ ଶୁଖ୍‌ଦେଓ ଥୋରାଟ୍ ଓ ବରିଷ୍ଠ ଅଧିବକ୍ତା ଶ୍ରୀ କେ.ବାଲ୍‌ଗୋପାଲ୍ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ସଭ୍ୟ ଥିଲେ । 'ଜନ ଅସନ୍ତୋଷ, ବିକ୍ଷୁବ୍ଧତା ଏବଂ ଚରମବାଦର କାରଣ ନିର୍ଣ୍ଣୟ ସମେତ ଉନ୍ନୟନ ପ୍ରସଙ୍ଗସମୂହ' ଉପରେ ଅନୁଧ୍ୟାନ ପାଇଁ ଗଠିତ ଏହି କମିଟି ତାଙ୍କ ରିପୋର୍ଟରେ ନକ୍ସଲପନ୍ଥୀମାନଙ୍କ ଦ୍ୱାରା ଘଟାଯାଉଥିବା ନିଷ୍ଠୁର ହିଂସାକାଣ୍ଡକୁ ନାପସନ୍ଦ କରିବା ସହିତ ଏହା ମଧ୍ୟ କଠୋର ଭାଷାରେ ଦର୍ଶାଇଛନ୍ତି ଯେ, ନକ୍ସଲବାଦ୍‌କୁ ଦମନ କରିବା ପାଇଁ  ସରକାରୀ ପ୍ରୋତ୍ସାହନରେ ଗଢା ଯାଇଥିବା ସାଲ୍‌ଓ୍ୱା ଜୁଡୁମ୍ ଭଳି ପ୍ରତିହିଂସା-ମୂଳକ ସଶସ୍ତ୍ର ଅଭିଯାନକୁ

ତୁରନ୍ତ ଭାଙ୍ଗି ଦିଆଯାଉ, କାରଣ 'ସାଲ୍‌ଓ୍ୱା ଜୁଡୁମ୍' ପଦ୍ଧତି ରାଜନୈତିକ ସମାଧାନ ଚାହେଁନାହିଁ, ଜନତାଙ୍କୁ ଏକ ଅମାନବିକ ଦୃଷ୍ଟିକୋଣରୁ ବିଚାର କରେ, ସୁରକ୍ଷା ବାହିନୀର ଚରିତ୍ରରେ ଅଧୋଗତି ଆଣେ ଓ ସର୍ବୋପରି ରାଷ୍ଟ୍ରକୁ ଜନତାଙ୍କ ପ୍ରତି ନିଜ ଦାୟଦାୟିତ୍ୱ ନିର୍ବାହରୁ ପଳାୟନ କରିବାରେ ସହାୟକ ହୋଇଥାଏ ।

## କମିଟିଙ୍କ ଅନ୍ୟ କେତେକ ନିଷ୍କର୍ଷ

କମିଟି ନିଜର ଅଧ୍ୟୟନ ଭିତରେ ଆନ୍ଧ୍ର ପ୍ରଦେଶ, ଓଡିଶା, ଛତିଶ୍‌ଗଡ, ଝାରଖଣ୍ଡ ଓ ବିହାର ରାଜ୍ୟ ଭିତରୁ ମୋଟ୍ ୮ଟି ଜିଲ୍ଲା ବାଛିଥିଲେ; ସେଥି ମଧ୍ୟରେ ୪ଟି ଜିଲ୍ଲା ନକ୍ସଲବାଦ ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଅନ୍ୟ ୪ଟି ଜିଲ୍ଲା ଆପାତତଃ ନକ୍ସଲବାଦ୍ ପ୍ରଭାବରୁ ମୁକ୍ତ । ଏହି ଦୁଇ ପ୍ରକାର ଜିଲ୍ଲାର ସାମାଜିକ-ଆର୍ଥିକ ଦୃଶ୍ୟପଟ ଭିତରେ ଏକ ତୁଳନା କରି କମିଟି ଦଶଟି ପାର୍ଥକ୍ୟ ଦେଖି ପାରିଛନ୍ତି; ଯଥା ନକ୍ସଲ ପ୍ରବଣ ଅଞ୍ଚଳରେ ଆଦିବାସୀ ଓ ହରିଜନମାନଙ୍କ ସଂଖ୍ୟାବହୁଳତା, ସ୍ୱଳ୍ପ ସାକ୍ଷରତା, ଅଧିକ ଶିଶୁ ମୃତ୍ୟୁହାର, ସ୍ୱଳ୍ପ ସହରୀକରଣ, ଅଧିକ ଜଙ୍ଗଲ ଅଞ୍ଚଳ, କୃଷି-ଶ୍ରମିକମାନଙ୍କ ସଂଖ୍ୟାଧିକତା, ମୁଣ୍ଡପିଛା ସ୍ୱଳ୍ପ ଖାଦ୍ୟ ଉତ୍ପାଦନ, ସଡକପଥର ସ୍ୱଳ୍ପ ପ୍ରସାର, ବ୍ୟାଙ୍କ ଆକାଉଣ୍ଟ୍ ଥିବା ଲୋକଙ୍କ ସଂଖ୍ୟା କମ୍ ତଥା ସ୍ଥାବର କି ଅସ୍ଥାବର ସମ୍ପତ୍ତି ଥିବା ଲୋକଙ୍କ ସଂଖ୍ୟା କମ୍ । କିନ୍ତୁ ବର୍ତ୍ତମାନ ଯେଉଁମାନେ ଶାସନ-ବ୍ୟବସ୍ଥା ତରଫରୁ ବିଭିନ୍ନ ହିତାଧିକାରୀ ଯୋଜନାମାନ ପରିଚାଳନା କରୁଛନ୍ତି, ସେମାନଙ୍କର ଏକ ବିଶାଳ ଅଂଶ ଆସିଛନ୍ତି ଭୂମିବାନ୍, ସ୍ୱଚ୍ଛଳ, ଶିକ୍ଷିତ ଓ ସମ୍ଭ୍ରାନ୍ତ ଗୋଷ୍ଠୀଙ୍କ ଭିତରୁ, ଯେଉଁମାନେ କି ମାନସିକ ଓ ସାଂସ୍କୃତିକ ଗଠନ-ଢାଞ୍ଚାରେ ଉପରୋକ୍ତ ବଞ୍ଚିତ ଗୋଷ୍ଠୀମାନଙ୍କ ଠାରୁ ନିଆରା ଓ ସେମାନଙ୍କୁ କାର୍ଯ୍ୟତଃ ଇତର ଦୃଷ୍ଟିରେ ଦେଖିଥାନ୍ତି । ସୁତରାଂ କୌଣସି ଯୋଜନାର ସୁଫଳ ଏହାର ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି ଏବଂ ତାହାହିଁ ଜନଅସନ୍ତୋଷ ଓ ଏହାର ପରିଣାମ ସ୍ୱରୂପ ନକ୍ସଲବାଦର ପ୍ରସାର ପାଇଁ ଉର୍ବରକ୍ଷେତ୍ର ସୃଷ୍ଟି କରିଚାଲିଛି । ଯେପର୍ଯ୍ୟନ୍ତ ଏହି ବୈଷମ୍ୟ-ଗ୍ରସ୍ତ ସ୍ଥିତି ଏବଂ ପ୍ରଶାସନର ବ୍ୟର୍ଥତାକୁ ଦୂରୀକରଣ କରା ନଯାଇଛି, ଅନ୍ୟ କୌଣସି ପ୍ରକାରେ ନକ୍ସଲ୍‌ବାଦ ସମସ୍ୟାର ସମାଧାନ ନାହିଁ ବୋଲି କମିଟି ନିଜର ସୁଚିନ୍ତିତ ମତ ବ୍ୟକ୍ତ କରିଛନ୍ତି । ବର୍ତ୍ତମାନର ଶାସନଧାରା ଯେତିକି ଯେତିକି ଲୋକାଭିମୁଖୀ ହୋଇପାରିବ ଜନଗଣଙ୍କ ଉପରେ ନକ୍ସଲପନ୍ଥୀମାନଙ୍କର ପ୍ରଭାବ ତଦନୁପାତରେ ଆପେ ହ୍ରାସ ପାଇବ ବୋଲି ମନ୍ତବ୍ୟ ଦେଇ କମିଟି କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଉପଯୁକ୍ତ ଆଇନ୍ ଓ ନୀତି ପ୍ରଣୟନ ଉପରେ ଜୋର୍ ଦେଇଛନ୍ତି । ପ୍ରଥମତଃ ପ୍ରସ୍ତାବିତ ଜମି ଅଧିଗ୍ରହଣ ସଂଶୋଧନ ବିଧେୟକରେ 'ସର୍ବସାଧାରଣ ଉଦ୍ଦେଶ୍ୟ'ର ପରିସର ଭିତରେ କେବଳ ଜାତୀୟ ନିରାପତ୍ତା ଓ ଜନମଙ୍ଗଳ ପ୍ରକଳ୍ପ ଗୁଡିକ ମାନ୍ୟତା ପାଇବା ଆବଶ୍ୟକ ଏବଂ କମ୍ପାନୀ ବା ଅନ୍ୟ କୌଣସି ବେସରକାରୀ ସଂସ୍ଥା ପାଇଁ ଜମି ଅଧିଗ୍ରହଣକୁ 'ସର୍ବସାଧାରଣ ଉଦ୍ଦେଶ୍ୟ'ର ପରିସରଭୁକ୍ତ କରାଯିବା ଆଦୌ ଉଚିତ୍ ହେବନି । ଦ୍ୱିତୀୟତଃ ବିସ୍ଥାପିତମାନଙ୍କ ପୁନର୍ବାସ ଓ ପୁନଃସଂସ୍ଥାନକୁ ବାସ୍ତବ ଅର୍ଥରେ ସୁନିଶ୍ଚିତ କରିବାକୁ ପଡିବ । ତୃତୀୟତଃ ଯେଉଁ ଭୂମିହୀନ ଓ ଗରୀବ ପରିବାରମାନେ କୌଣସି ସର୍ବସାଧାରଣ ଜମିରେ ବାସ କିମ୍ବା ଚାଷ କରୁଛନ୍ତି, ସେମାନଙ୍କୁ ବର୍ତ୍ତମାନ ଭଳି 'ଜବରଦଖଲକାରୀ' ଦୃଷ୍ଟିରେ ନଦେଖି 'ସମ୍ଭାବ୍ୟ ପଟ୍ଟାଧାରୀ' ବୋଲି ବିଚାରିବାକୁ ପଡିବ । ଚତୁର୍ଥତଃ ଭୂମିହୀନ ଓ ଗରୀବ ପରିବାରମାନଙ୍କ ପାଇଁ ଭୂ-ବଣ୍ଟନ କାର୍ଯ୍ୟକ୍ରମକୁ ପ୍ରକୃତ ଅର୍ଥରେ ବାସ୍ତବ ରୂପ ଦେବାକୁ ପଡିବ । ପଞ୍ଚମତଃ ଯେଉଁସ୍ଥଳେ ଜଣେ ଗରୀବ ଋଣ-ଗ୍ରହୀତା ମୂଳ-ଅର୍ଥ ଶୁଝିଥିବେ ଅଥଚ ସଂପୃକ୍ତ ଋଣ-ଅର୍ଥରୁ କୌଣସି ଅତିରିକ୍ତ ସୁଫଳ ପାଇନଥିବେ, ସେସବୁ ସ୍ଥଳେ ସେହି ଋଣସମୂହର ସଂପୂର୍ଣ୍ଣ ଉଚ୍ଛେଦ ଘଟାଇବାକୁ ପଡିବ । ଷଷ୍ଠତଃ ଆଦିବାସୀ ଉପଯୋଜନାକୁ ପେସା ଆଇନ୍ ଢାଞ୍ଚାରେ ପରିଚାଳିତ କରିବାକୁ ପଡିବ । ସପ୍ତମତଃ ଜଙ୍ଗଲ-ଜାତ ସାମଗ୍ରୀ ତଥା ତହିଁର ଉଚିତ୍ ମୂଲ୍ୟ ହାସଲ ଉପରେ ଆଦିବାସୀମାନଙ୍କର ଅଧିକାରକୁ ସୁରକ୍ଷା ଦେବାକୁ ପଡିବ । ଅଷ୍ଟମତଃ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ନିଜ ଜମିକୁ ଲିଜ୍ ଦେଇପାରୁଥିବେ, ଅଥଚ ଜମି ଉପରେ ସେମାନଙ୍କର ମାଲିକାନା ସୁରକ୍ଷିତ ରହିବ, ସେ ପ୍ରକାର କାନୁନୀ ବ୍ୟବସ୍ଥା ପ୍ରଚଳନ କରିବାକୁ ପଡିବ । ନବମତଃ ବର୍ତ୍ତମାନ ଜନଅସନ୍ତୋଷକୁ କେନ୍ଦ୍ର କରି ଗ୍ରାମାଞ୍ଚଳରେ ଘଟୁଥିବା ହିଂସାତ୍ମକ ଘଟଣାକୁ କିପରି ମାନବୀୟ ଢଙ୍ଗରେ ମୁକାବିଲା କରାଯାଇ ପାରିବ ଅଥଚ ନାଗରିକମାନଙ୍କର ସାମ୍ବିଧାନିକ ମୌଳିକ ଅଧିକାରଗୁଡିକ ସୁରକ୍ଷିତ ରହିପାରୁଥିବ, ସେଥପାଇଁ ପୋଲିସ୍ ବାହିନୀଙ୍କୁ ତାଲିମ୍ ଦିଆଯିବା ଜରୁରୀ । ଦଶମତଃ ଯେଉଁସ୍ଥଳେ ନକ୍ସଲପନ୍ଥୀମାନେ କୌଣସି ଆକ୍ରୋଶ ମୂଳକ କାରଣରୁ କିଛି ଗରୀବ ଲୋକଙ୍କର ଜମି ଛଡାଇ ନେଇଛନ୍ତି, ତାକୁ ସରକାର ଉଦ୍ଧାର କରି ଉକ୍ତ ଲୋକମାନଙ୍କୁ ଫେରାଇଦେବା ପାଇଁ ଚେଷ୍ଟା କରିବେ ।

## ସରକାରଙ୍କ ନିକଟରେ ଆହ୍ୱାନ୍

ଏହି କମିଟିର ଗଠନ ସମ୍ବନ୍ଧରେ ଜୁନ୍ ୨୦୦୬ରେ ଯୋଜନା କମିଶନ୍‌ଙ୍କ ଦ୍ୱାରା ପ୍ରକାଶିତ 'କ୍ଷିପ୍ରତର ଅଥଚ ସାମିଲ୍-ଧର୍ମୀ ଅଭିବୃଦ୍ଧି' ଶୀର୍ଷକ ଏକାଦଶ ପଞ୍ଚବାର୍ଷିକ ଯୋଜନା(୨୦୦୭-୧୨)ର ଚିଠା ଖସଡାରେ ସୂଚନା ଦିଆଯାଇ କୁହାଯାଇଥିଲା ଯେ, ବର୍ତ୍ତମାନ ୧୦୦ରୁ ଉର୍ଦ୍ଧ୍ୱ ଜିଲ୍ଲାରେ ନକ୍ସଲବାଦର ପ୍ରସାର ସମଗ୍ର ଦେଶ ପାଇଁ ଏକ ସତର୍କ ଘଣ୍ଟି । ଜନଅସନ୍ତୋଷକୁ ଦୂର କରିବା, ନ୍ୟାୟ ପ୍ରଦାନ କରିବା, ଲୋକମାନଙ୍କ ଭିତରେ ଶାସନବ୍ୟବସ୍ଥାର ସମୁଚିତତା ସମ୍ବନ୍ଧରେ ବିଶ୍ୱାସ ଜନ୍ମାଇବା ତଥା ସେମାନେ ନିଜର ମର୍ଯ୍ୟାଦା ଓ ଆଶାଆକାଂକ୍ଷା ସହ ଯେପରି ଜୀବନ ନିର୍ବାହ କରିବେ, ସେଦିଗରେ ଆମକୁ ସ୍ୱତନ୍ତ୍ର ଭାବେ ଉଦ୍ୟମ କରିବାକୁ ପଡିବ । ବର୍ତ୍ତମାନ ଉକ୍ତ କମିଟି ତାଙ୍କର ବିବରଣୀ ବିଧିବଦ୍ଧ ଭାବେ ଦାଖଲ କରିବା ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏହାର ସୁପାରିଶ୍‌ଗୁଡିକୁ କେତେ ଆନ୍ତରିକତା ସହକାରେ ନିଜନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରୁଛନ୍ତି, ତାହାହିଁ ସୂଚାଇବ ଏହି ସରକାରମାନଙ୍କ ଦୃଷ୍ଟିରେ ଯୋଜନା କମିଶନ୍ ଏକ କାଗଜ ସଂସ୍ଥା ନା ଏକ ମାର୍ଗଦର୍ଶୀ ପ୍ରତିଷ୍ଠାନ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mob- 9437577546, Dt- 5th May 2008